# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27 April – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପୀଡିତଙ୍କୁ ନିଶ୍ଚିତ ନ୍ୟାୟ ମିଳିବ; କହିଲେ ପ୍ରଧାନମନ୍ତ୍ରୀ

— ମନ୍ କୀ ବାତ୍ କାର୍ଯ୍ୟକ୍ରମରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧିନରେ ଏପର୍ଯ୍ୟନ୍ତ ୧୪୦ କୋଟିରୁ ଅଧିକ ଚାରା ରୋପଣ ହୋଇଛି ବୋଲି ଦେଲେ ସୂଚନା

- ଗଞ୍ଜାମ ଜିଲ୍ଲାରେ ଶିଳ୍ପ ବିକାଶ ପାଇଁ ଖର୍ଚ୍ଚ କରାଯିବ ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା; କହିଲେ ମୁଖ୍ୟମନ୍ତ୍ରୀ

- ଗ୍ରୀଷ୍ମ ଋତୁରେ ଜଳ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ୨୪ ହଜାର ନୂତନ ନଳକୂପ ସ୍ଥାପନ କରିବା ନେଇ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସୂଚନା

ଏବଂ

- ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ସମ୍ଭାବନା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ମନ୍ କୀ ବାତ୍

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମଗ୍ର ଦେଶବାସୀଙ୍କୁ ଗଭୀର ଆଘାତ ଦେଇଛି। ଆତଙ୍କବାଦୀଙ୍କ ବିରୋଧରେ ଏବେ ସାରା ଦେଶ ଏକାଠି ହୋଇଛି। ପହଲଗାମ ଆତଙ୍କବାଦୀ ଘଟଣାରେ ପୀଡିତଙ୍କୁ ନିଶ୍ଚିତ ନ୍ୟାୟ ମିଳିବ। ଏଥିସହ ଆକ୍ରମଣକାରୀ ଏବଂ ଷଡଯନ୍ତ୍ରରେ ସାମିଲ୍ ଥିବା ବ୍ୟକ୍ତିଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଆକ୍ରମଣ ଆତଙ୍କବାଦୀ ଓ ଏହାକୁ ପ୍ରୋତ୍ସାହନ ଦେଉଥିବା ପୃଷ୍ଠପୋଷକଙ୍କ ହତାଶା ଏବଂ ଅସହିଷ୍ଣୁତାକୁ ଦର୍ଶାଉଛି । ସେମାନେ କାଶ୍ମୀରରେ ଶାନ୍ତି ଓ ଗଣତନ୍ତ୍ର କୁ ପୁଣିଥରେ ଫେରିଆସିବା ଚାହୁଁନାହାଁନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଆତଙ୍କବାଦ ବିରୋଧ ଯୁଦ୍ଧରେ ସବୁଠାରୁ ବଡ ଶକ୍ତି ହେଉଛି ଦେଶର ଏକତା । ଏହି ଆହ୍ୱାନର ମୁକାବିଲା ପାଇଁ ସଂକଳ୍ପକୁ ଦୃଢ଼ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହି ଆକ୍ରମଣ ଘଟଣାରେ ସମଗ୍ର ବିଶ୍ୱ କ୍ରମାଗତ ଭାବେ ସମବେଦନା ଜ୍ଞାପନ କରୁଛି । ଏହି ଲଢ଼େଇରେ ୧୪୦କୋଟି ଭାରତୀୟଙ୍କ ସହ ବିଶ୍ୱବାସୀ ଛିଡାହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (Pahelgam Attack)**

ବିଶିଷ୍ଟ ମହାକାଶ ବିଜ୍ଞାନୀ ଡକ୍ଟର କେ. କସ୍ତୁରୀରଙ୍ଗନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି କସ୍ତୁରୀରଙ୍ଗନଙ୍କ ନେତୃତ୍ୱରେ ଇସ୍ରୋ ଏକ ନୂତନ ପରିଚୟ ହାସଲ କରିଛି । ଦେଶରେ ନୂତନ ଜାତୀୟ ଶିକ୍ଷାନୀତି ପ୍ରଣୟନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଚଳିତମାସରେ ଆର୍ଯ୍ୟଭଟ୍ଟ ଉପଗ୍ରହ ଉତ୍କ୍ଷେପଣର ୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି । ଦୃଢ଼ ନିଷ୍ଠାଯୁକ୍ତ ୫୦ବର୍ଷର ଏହି ଯାତ୍ରା ଭାରତକୁ ଏକ ବିଶ୍ୱ ମହାଶକ୍ତିରେ ପରିଣତ କରିଛି । ଚନ୍ଦ୍ରର ଦକ୍ଷିଣମେରୁରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦେଶରେ ଚିକିତ୍ସା ସୁବିଧା କ୍ରମାଗତ ଭାବେ ଉନ୍ନତ ହେଉଛି ଏବଂ ଅନ୍ୟଦେଶର ନାଗରିକ ଏଥିରୁ ଉପକୃତ ହେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଜନ୍ମରୁ ହୃଦ୍‌ରୋଗରେ ପୀଡିତ ଶିଶୁଙ୍କୁ ଚିକିତ୍ସା ପାଇଁ ଭାରତ ପଠାଇବା ଲାଗି ଆଫ୍ରିକାର ଇଥିଓପିଆର ପ୍ରବାସୀ ଭାରତୀୟଙ୍କ ଅଭିନବ ପ୍ରୟାସ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକଶିତ ସଚେତ୍ ଆପ୍ ଆଞ୍ଚଳିକ ଭାଷାରେ ଏନେଇ ସୂଚନା ପ୍ରଦାନ କରୁଛି । ଏହି ଆପ୍‌ର ବ୍ୟବହାର ସହ ଅଭିଜ୍ଞତାକୁ ବାଣ୍ଟିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ମହାକାଶକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଘରୋଇ ସଂସ୍ଥାଗୁଡ଼ିକ ପାଇଁ ଉନ୍ମୁକ୍ତ କରାଯାଇଛି । ଯୁବବର୍ଗ ମହାକାଶ ଷ୍ଟାର୍ଟଅପ୍ କ୍ଷେତ୍ରରେ ଉଲ୍ଲେଖନୀୟ ସହଯୋଗ ପ୍ରଦାନ କରୁଛନ୍ତି । ଏବେ ଦେଶରେ ୩୨୫ରୁ ଅଧିକ ମହାକାଶ କ୍ଷେତ୍ର ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି ।

ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୧୭ ମସିହାର ଚମ୍ପାରଣ ସତ୍ୟାଗ୍ରହ ସମ୍ପର୍କରେ ସ୍ମରଣ କରାଇଥିଲେ । ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ଲିଖିତ 'ଚମ୍ପାରଣରେ ସତ୍ୟାଗ୍ରହ' ପୁସ୍ତକ ପଢ଼ିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହି ଅଭିଯାନକୁ ଏକବର୍ଷ ପୂରିବ । ଏହା ଅଧୀନରେ ୧୪୦କୋଟିରୁ ଅଧିକ ଚାରାରୋପଣ କରାଯାଇଛି । ଦେଶ ଓ ବିଦେଶର ଲୋକ ଏହି ଅଭିଯାନରେ ସାମିଲ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି ।

**V/O (Ek Ped Maa ke Naam)**

ଆସନ୍ତାମାସ ୧୦ ତାରିଖରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ବାର୍ଷିକୀ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରେରଣା ଦେଶକୁ ସତ୍‌ମାର୍ଗରେ ଆଗେଇ ନେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମନ୍ କୀ ବାତ୍-ଜିଲ୍ଲା

**ନବରଙ୍ଗପୁର** ଜିଲ୍ଲାର ଉମରକୋଟଠାରେ ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମର ପ୍ରସାରଣକୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅନ୍ୟମାନଙ୍କ ସହ ବସି ଶୁଣିଥିଲେ। ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ପାଇଁ ଶ୍ରୀ ଗଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ନୟାଗଡ଼** ଜିଲ୍ଲା ଓଡ଼ଗାଁଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ଶୁଣିଥିଲେ।

ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ **ଭଦ୍ରକ** ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ବର୍ଗର ଜନସାଧାରଣ ଶୁଣିଛନ୍ତି। ଅନନ୍ତନାଗ ଜିଲ୍ଲାର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତକଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀଙ୍କ ସମବେଦନା ଓ ଏହି ଘଟଣା ନିମନ୍ତେ ନିନ୍ଦା ପ୍ରସ୍ତାବ ସମସ୍ତଙ୍କୁ ବେଶ୍ ଅଭିଭୂତ କରିଥିଲା।

## ମୁଖ୍ୟମନ୍ତ୍ରୀ-ଗଞ୍ଜାମ ଗସ୍ତ

ସମାଜ ପାଇଁ ସଂସ୍କାରଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶ୍ରୀ ମାଝୀ ଆଜି ପାତ୍ରପୁର ବ୍ଲକ୍‌ର ଭୀମପୁର ଉନ୍ନୀତ ଉଚ୍ଚବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେଇ କହିଛନ୍ତି, ଜାତୀୟ ଶିକ୍ଷାନୀତି ୨୦୨୦ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତିର ସହାୟକ ହୋଇପାରିବ। ପ୍ରତ୍ୟେକ ପଂଚାୟତରେ ସରକାରଙ୍କ ପକ୍ଷରୁ ଏକ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯିବ। ଗଞ୍ଜାମ ଜିଲ୍ଲା ପାଇଁ ଆଗାମୀ ଦିନରେ ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଞ୍ଜାମ ଜିଲ୍ଲାର ସର୍ବାଙ୍ଗିନ ଉନ୍ନତି ପାଇଁ ସରକାର ପ୍ରାଥମିକତା ଦେବା ସହ 'ଗୋଟିଏ ଜିଲ୍ଲା ଗୋଟିଏ

ଉତ୍ପାଦ'କୁ ଆଧାର କରି ଗଞ୍ଜାମ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**-V/O-***(CM)*

ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ଅବସରରେ ମା' ବୁଢ଼ୀ ଠାକୁରାଣୀଙ୍କୁ ଅସ୍ଥାୟୀ ମଣ୍ଡପରେ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ।

## ଜଳ ଯୋଗାଣ ରବି ନାରାୟଣ ନାୟକ

ରାଜ୍ୟରେ ଗ୍ରୀଷ୍ମ ଋତୁରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ  ୨୪ ହଜାର ନୂତନ ନଳକୂପ ସ୍ଥାପନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଣ୍ଟକୁ  ସାଢ଼େ ୫ ଶହ କୋଟି ଟଙ୍କା ପଠାଯାଇଛି। ଯେଉଁ ଜାଗାରେ ପାଣି ମିଳୁ ନଥିବ ସେଠାରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଚଳିତବର୍ଷ  ୨୪ ହଜାର ନୂତନ ନଳକୂପ ସ୍ଥାପନ କରଯିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଏବେ ସୁଦ୍ଧା ୯ ହଜାରରୁ ଅଧିକ ନଳକୂପ ସ୍ଥାପନ ହୋଇସାରିଛି। ଜଳଯୋଗାଣ ନେଇ ୨୭୨ଟି ମେଗା ପ୍ରକଳ୍ପ ଚାଲିଛି। ସାମାଜିକ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ଏହାକୁ ନେଇ ବିଭାଗ ପକ୍ଷରୁ ତଦାରଖ କରାଯିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

## ଅନ୍ତ୍ୟୋଦୟ ଯୋଜନା

ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ରାଜ୍ୟରେ ଥିବା  ଯୋଗ୍ୟ ହିତାଧିକାରୀମାନଙ୍କୁ ୫ ଲକ୍ଷ ଘର ଦିଆଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି।  ବର୍ତ୍ତମାନ ପର୍ଯ୍ୟନ୍ତ ୬୦ ହଜାର ଗୃହ ହିତାଧିକାରୀଙ୍କୁ ଦିଆଯାଇଥିବାବେଳେ ୨ ମାସ ମଧ୍ୟରେ ୧ ଲକ୍ଷ ଘର ଦିଆଯିବାର ଲକ୍ଷ୍ୟ ରହିଛି।  ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁମାନେ ବଂଚିତ ହୋଇଛନ୍ତି ସେମାନଙ୍କ ସହ ଦଳିତ, ଦିବ୍ୟାଙ୍ଗମାନଙ୍କୁ  ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯିବ।

## ନିଟ୍ ଶୁଭେଚ୍ଛା

ନିଟ୍ ସୁପର ସ୍ପେଶିଆଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିର ଯଶ ଜୈନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯଶଙ୍କର ଏହି ଉପଲବ୍ଧି ଓଡ଼ିଆ ବିଦ୍ୟାର୍ଥୀଙ୍କ ଅସୀମ ସାମର୍ଥ୍ୟର ଏକ ଜ୍ୱଳନ୍ତ ଉଦାହରଣ। ରାଜ୍ୟର ଛାତ୍ରଛାତ୍ରୀଙ୍କୁ ଯଶଙ୍କ ସଫଳତା ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଯଶଙ୍କର ଏହି ସଫଳତା ବଲାଙ୍ଗିର ଜିଲ୍ଲାପାଇଁ ଗୌରବ ଆଣିଦେଇଛି।

## କର୍ମଶାଳା

**ନୂଆପଡ଼ା** ଜିଲ୍ଲା ଖଡିଆଳ ବାରହଲ୍‌ଠାରେ ଓକିଲ ସଂଘ ପକ୍ଷରୁ ଆଇନଜୀବୀଙ୍କ ନୀତି ଓ କର୍ତ୍ତବ୍ୟକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓକିଲ ସଂଘ ସଭାପତି ପ୍ରତାପ କିଶୋର ଜଗତ୍ ଯୋଗଦେଇ ଆଇନ୍‌ଜୀବୀଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ବହୁ ବରିଷ୍ଠ ଆଇନ୍‌ଜୀବୀ ଉପସ୍ଥିତ ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

**ଗଞ୍ଜାମ** ଜିଲ୍ଲା ଓକିଲ ସଂଘ ପକ୍ଷରୁ ମାନବ ଅଧିକାରୀ ସୁରକ୍ଷା ଓ ଆଇନ୍‌ଜୀବୀଙ୍କ ଭୂମିକା ଶୀର୍ଷକ କର୍ମଶାଳା ଜିଲ୍ଲାର ଓକିଲ ସଂଘର ଅସ୍ଥାୟୀ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ମୁଖ୍ୟଅତିଥି ଭାବେ ଦିଲ୍ଲୀସ୍ଥିତ ଜାତୀୟ ମାନବ ଅଧିକାର କମିଶନର ସଦସ୍ୟ ଜଷ୍ଟିସ୍ ଡକ୍ଟର ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଯୋଗଦେଇ ମାନବ ଅଧିକାରୀ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

## ପାଣିପାଗ

ରାଜ୍ୟର ଅଧିକାଂଶ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ପରିଲକ୍ଷିତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଘଣ୍ଟାକୁ ୫୦

ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଅନ୍ୟାନ୍ୟ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଦଶମିକ ୮ ଡିଗ୍ରୀ ସେଲସିୟସ୍ ପାରଳାଖେମୁଣ୍ଡିଠାରେ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ସର୍ବାଧିକ ଦିନ ତାପମାତ୍ରା ୩ରୁ ୫ ଡ଼ିଗ୍ରୀ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

********************************